ସକାଳ
THE SAKALA



### ହରିରାଜପୁର ମେଳଣ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ମେଳଣ ପଡ଼ିଆକୁ ସଂଯୋଗ ରାସ୍ତା ପ୍ରଶସ୍ତୀକରଣ ଦାବି

ଡେଲାଙ୍ଗ,୨୮।୨(ସମିସ)



ଡେଲାଙ୍ଗ ବ୍ଲକ୍‌ର ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣକୁ ଚଳିତ ବର୍ଷ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ କରାଇବାକୁ ମେଳଣ ପରିଚାଳନା ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରସନ୍ନ ମହାରଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ସଂଗ୍ରାମ କେଶରୀ ପ୍ରଧାନ, ସହସମ୍ପାଦକ ବିଜୟ କୁମାର ଜେନା, ସମାଜସେବୀ ବାସନ୍ତୀ ସାହୁ, ନିରୁପମା ପାତ୍ର, ମନ୍ଦିର ସେବାୟତ ଦିଲ୍ଲୀପ ମହାପାତ୍ର, ବିଷ୍ଣୁପ୍ରସାଦ ଜେନା, ମନୋଜ ଜେନା ପ୍ରମୁଖ ଉପସ୍ଥିତ ରହି ମେଳଣର ସୁପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ମେଳଣର ଜମାଣରାତ୍ର ଉତ୍ସବ ଆସନ୍ତା ମାର୍ଚ୍ଚ ୮ ତାରିଖରେ ଅନୁଷ୍ଠିତ ହୋଇ ୧୨ ତାରିଖ ଗୋଧୂଳି ଲଗ୍ନରେ ହରିହର ଭେଟ ହୋଇ ସମାପ୍ତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଓଡ଼ିଶା ପ୍ରସିଦ୍ଧ ପଣ୍ଡିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ୮୦ ଏକର ପରିମିତ ବିଶିଷ୍ଟ ପଡ଼ିଆରେ ହୋଇଆସୁଛି। ମେଳଣ ପଡ଼ିଆକୁ ସଫେଇ କରିବା, ଜଟଣୀ-ପିପିଲି ରାସ୍ତାର ବୃଷଭ ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ଓ ମେଡିକାଲ ଛକଠାରୁ ହରିରାଜପୁର ଫାଣ୍ଡି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରି ଯାତାୟାତ ପାଇଁ ସୁବିଧା କରିବା, ଶ୍ରଦ୍ଧାଳୁଙ୍କ ପାଇଁ ୨୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା ପାଇଁ ଟ୍ୟାଙ୍କର ଯୋଗେ ନିରନ୍ତର ଜଳ ଯୋଗାଣ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ସମେତ ଡିଜି ଯୋଗେ ବିଦ୍ୟୁତ୍ ଯୋଗାଣ କରିବା, ଜନଗହଳିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଫୋର୍ସ ବ୍ୟବସ୍ଥା କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

ସେହିପରି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ନିରବଚ୍ଛିନ୍ନ ଡାକ୍ତରୀ ସେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଔଷଧ ସହିତ ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ମହଜୁଦ ରଖିବା, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଆଦି ନିରବଚ୍ଛିନ୍ନ ସେବା ଯୋଗାଇବା ସହିତ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ, ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରଦର୍ଶନୀ ମଣ୍ଡପ ଖୋଲିବା ଆଦି ନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ହାଇଟେକ୍ ମେଡିକାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର ସ୍ଥାପନ କରାଯିବା ପାଇଁ ବ୍ୟବସ୍ଥା ଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ଦଳ ସହିତ ଔଷଧ ଗଚ୍ଛିତ ରଖି କ୍ୟାମ୍ପ ଖୋଲିବାକୁ ଦାବି ହୋଇଛି। ଅସାମାଜିକଙ୍କ ଉପରେ କଡ଼ା ନଜର ରଖିବାକୁ ମେଳଣ ପଡ଼ିଆର ଚତୁଃପାଶ୍ୱର୍ରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ଏକାଧିକ ୱାଚ୍ ଟାୱାର ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି।

## ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ବାର୍ଷିକ ସମାରୋହ

ଗମ୍ଭାରୀପଦା/କାକଟପୁର,୨୮।୨(ସମିସ): ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁରର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ କାକଟପୁରସ୍ଥ ରାମକୃଷ୍ଣ ଶିଶୁ ଶିକ୍ଷା ମନ୍ଦିର ସଭାଗୃହରେ ବାର୍ଷିକ ସମାରୋହ ଉତ୍ସବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ପାଳିତ ହୋଇଯାଇଛି। ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ ସମ୍ପାଦକୀୟ ବିବରଣୀରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ଦାଶ, ଅଭିମନ୍ୟୁ ମୁଦୁଲି ଓ ବ୍ରହ୍ମାନନ୍ଦ କରଙ୍କ ପ୍ରଚେଷ୍ଟାରେ ୩୮ ବର୍ଷ ତଳେ ଗଠନ କରାଯାଇଥିବା ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ଇତିବୃତ୍ତି ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମ୍ମାନିତ ବକ୍ତା ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ, ସମ୍ମାନିତ ଅତିଥି ବରିଷ୍ଠ ପ୍ରଶାସକ ପ୍ରଭାତ ତରାଇ, ଶିକ୍ଷୟିତ୍ରୀ ଶକୁନ୍ତଳା ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ କରକମଳରେ ଐତିହାସିକ ଲବଣ ସତ୍ୟାଗ୍ରହ ପୁସ୍ତକ ଉନ୍ମୋଚନ କରାଯାଇ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ୫ଜଣ ବ୍ୟକ୍ତିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ନିରୋଦ ବରନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାତିରେ ମାଟି ଚାଲାଣ ବେଳେ ଗାଡ଼ି ଅଟକାଇଲେ ଗ୍ରାମବାସୀ

ନାୟାହାଟ,୨୮।୨(ସମିସ): କାକଟପୁର ଜଳସେଚନ ବିଭାଗ ଅଧୀନରେ ଥିବା କୁଣ୍ଡେଇ ମୁଖ୍ୟ କେନାଲର ଶ୍ରୀକୋଇଲିଠାରୁ ନୟାହାଟ କଲେଜ ପର୍ଯ୍ୟନ୍ତ ୪ କୋଟି ଟଙ୍କା ବ୍ୟୟରେ ରାସ୍ତା କାମ ହେଉଛି। ଶନିବାର ରାତିରେ ଠିକାଦାର କେନାଲରୁ ମାଟି ଚୋରି କରି ବାହାରେ ବିକିବା ସମୟରେ ଓଡ଼ଗାଁ ଗ୍ରାମବାସୀମାନେ ମାଟି ବୋଝେଇ ଗାଡ଼ିକୁ ଅଟକାଇ ଯନ୍ତ୍ରୀଙ୍କୁ ଖବର ଦେଇଥିଲେ। ପାଣିଛତ୍ର ସେକ୍ସନ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦାସ ଜଣେ କର୍ମଚାରୀଙ୍କୁ ରାତିରେ ଘଟଣାସ୍ଥଳକୁ ପଠାଇଥିଲେ। ଉକ୍ତ ଗ୍ରାମର ମାନସ ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ହେମନ୍ତ ବାରିକ, ଭଗ୍ୟଧର ଓଝା ପ୍ରମୁଖ ଉକ୍ତ ମାଟି ବୋଝେଇ ଗାଡ଼ିକୁ ଅଟକାଇଥିଲେ। ଏ ସମ୍ପର୍କରେ ଯନ୍ତ୍ରୀ ଶ୍ରୀ ଦାସଙ୍କୁ ପଚାରିବାରେ ସେ କହିଥିଲେ ଯେ, ଦିନବେଳେ କେନାଲରୁ ମାଟି ଖୋଳି ବନ୍ଧରେ ପକାଇବା କଥା, ରାତିରେ ନୁହେଁ। କିନ୍ତୁ ଠିକାଦାର ମାଟି ଖୋଳି ବନ୍ଧରେ ନ ପକାଇ ଗାଡ଼ିରେ ନେଇଯିବା ଘଟଣାକୁ ଯେ କୌଣସି



ଲୋକ କହିବ ଯେ ମାଟି ବିକ୍ରି ହେଉଛି। ଗ୍ରାମବାସୀ ଯେଉଁ ଗାଡ଼ି ଅଟକାଇଛନ୍ତି ତାହା ଯଥାର୍ଥ ବୋଲି ଯନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି। ରାତିରେ କେନାଲ ବନ୍ଧରେ ରାସ୍ତା କରାଯାଉଥିବା ନିମ୍ନମାନର ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଜେଇ କହିଛନ୍ତି ଘଟଣାର ତଦନ୍ତ ହେବ।

## ବରିଷ୍ଠ ଗୁରୁମା'ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପିପିଲି,୨୮।୨(ସମିସ): ପିପିଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ବାଟିକା ବିଭାଗରେ ଆଚାର୍ଯ୍ୟା ରୂପେ କାର୍ଯ୍ୟରତ ବନଲତା ସେନାପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୦୮ରୁ ସେ ନିରବଚ୍ଛିନ୍ନ ଭାବେ କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ କରି ଆସୁଥିଲେ। ଶନିବାର ତାଙ୍କର ସେବା ନିବୃତ୍ତ ଫଳରେ ବିଦ୍ୟାଳୟରେ ଗୋଟିଏ ଯୁଗର ଅବସାନ ଘଟିବା ସହ ଜଣେ ଦକ୍ଷ ଶିକ୍ଷୟିତ୍ରୀଙ୍କ ଅଭାବ ହୋଇଛି। ତାଙ୍କର ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହରେ ପରିଚାଳନା କମିଟି ସଭାପତି ବିକ୍ରମ କେଶରୀ ସିଂ, ଉପସଭାପତି ଅର୍ଚ୍ଚନା ସାହୁ, ସମ୍ପାଦକ ରମାକାନ୍ତ ସାହୁ, ଯୁଗ୍ମ ସମ୍ପାଦକ ରମାକାନ୍ତ ନାୟକ, କୋଷାଧ୍ୟକ୍ଷ ରାକେଶ ମହାପାତ୍ର, ସଦସ୍ୟା କଳ୍ପନା ବେହେରା, ପ୍ରଧାନଆଚାର୍ଯ୍ୟ ଶଶିଭୂଷଣ ଦାଶ, ବିଦ୍ୱତ ପରିଷଦର ସଭାପତି ରାମଚନ୍ଦ୍ର ଦାଶ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥିମାନେ ଉପସ୍ଥିତ ରହି ଆଚାର୍ଯ୍ୟାଙ୍କ ଉତ୍ତମ କାର୍ଯ୍ୟାବଳୀର ଗୁଣଗାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ଜ୍ୟୋସ୍ନାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜୟଲକ୍ଷ୍ମୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିଦ୍ୟାମନ୍ଦିର ପ୍ରମୁଖ କାଶୀନାଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଏରଂଚ କ୍ଲବ୍ ଅଡ଼ଶପୁର ଚାମ୍ପିଅନ



ନିମାପଡ଼ା,୨୮।୨(ସମିସ): ଶନିବାର ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ବଡ଼ପଡ଼ିଆଠାରେ ବାବା ବାସୁଦେବ କ୍ରିକେଟ କ୍ଲବ୍ ତୁଳସୀପୁର ଦ୍ୱାରା ଆୟୋଜିତ କ୍ରିକେଟ ଫାଇନାଲ ମ୍ୟାଚ୍‌ରେ ଏରଂଚ ଟିମ୍ ଅଡ଼ଶପୁର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ଏରଂଚ କ୍ରିକେଟ୍ ଟିମ ଅଡ଼ଶପୁର ଓ କେନ୍ଦ୍ରାପଟି କ୍ରିକେଟ ଟିମ୍ ଅସ୍ତରଙ୍ଗ। ଏରଂଚ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ପ୍ରକାଶ ସେଠୀ ସର୍ବାଧିକ ୭୧ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଟିମ୍‌ର ବୋଲର ରିଙ୍କୁ ନାୟକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ କେନ୍ଦ୍ରାପଟି ଟିମ୍ ସମସ୍ତ ୱିକେଟ ହରାଇ ୧୨୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଶିଷ୍ଟ କ୍ରୀଡ଼ାବିତ୍ ତଥା ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ ବେହେରା, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ତୁଳସୀପୁର ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶ, ସରପଞ୍ଚଙ୍କ ପ୍ରତିନିଧି ଅରକ୍ଷୀତ ଭୋଇ, ସମିତିସଭ୍ୟଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାହୁ, ପୂର୍ବତନ ସ୍କୋରର୍ ଦିଲ୍ଲୀପ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଚନ୍ଦ୍ର ସେଠୀ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ରନର୍ସ ଦଳ କେନ୍ଦ୍ରାପଟିର ରିଙ୍କୁ ରାଉତଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ଅମ୍ପାୟର ଭାବେ ଭବାନୀ ଶଙ୍କର ତ୍ରିପାଠୀ ଓ ରଞ୍ଜନ କୁମାର ଭୋଇ ପରିଚାଳନା କରିଥିଲେ।

## ମଙ୍ଗଳା ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପରଲୋକ



କାକଟପୁର,୨୮।୨(ସମିସ): କାକଟପୁରର ସର୍ବପୁରାତନ ମଙ୍ଗଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ରାମଚନ୍ଦ୍ର ଦୀକ୍ଷିତଙ୍କର ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। କାକଟପୁର ଅଞ୍ଚଳରେ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ମଙ୍ଗଳା କଲେଜ ସ୍ଥାପନ କରି ସେ ଶିକ୍ଷାର ଆଲୋକ ଦେଖାଇଥିବାବେଳେ ଅସ୍ତରଙ୍ଗ ହାଇସ୍କୁଲ, ମରୀଚିପୁର ଓ ଦଶବାଟିଆଠାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଶିକ୍ଷାର ବିକାଶ ଦିଗରେ ଜଣେ ପ୍ରବୀଣ ଯୋଦ୍ଧା ସାଜିଥିଲେ। ଶିକ୍ଷାରୁ ଅବସର ଗ୍ରହଣ ପରେ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ରହି ଧର୍ମାନୁରାଗୀ ଜୀବନ ଅତିବାହିତ କରୁଥିଲେ। କାକଟପୁରର ସେବକ ସମିତି ତାଙ୍କରି ଉଦ୍ୟମରେ ଆରମ୍ଭ ହୋଇଥିଲା। ସେ ଜଣେ ସରଳ, ନିଷ୍କପଟ, ଅମାୟିକ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର କାଳନ୍ଦୀ ଦୀକ୍ଷିତ ମୁଖାଗ୍ନି ଦେଇଥିଲେ।

## କଳାପାଞ୍ଚଣ ପଞ୍ଚାୟତରେ 'ଆମ ପୁଲିସ' କାର୍ଯ୍ୟକ୍ରମ

ଚାରିଛକ,୨୮।୨(ସମିସ): ପୁରୀ ଜିଲ୍ଲା ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉକ୍ତ ଥାନା ଅଧୀନସ୍ଥ କଳାପାଞ୍ଚଣ ପଞ୍ଚାୟତ ସିଦ୍ଧମଠ ପରିସରରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ରହିବ ପୁଲିସକୁ ସାହାଯ୍ୟ ସହଯୋଗ କରିବା ପାଇଁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଥାନା ଅଧିକାରୀ ଶ୍ରୀ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ଏଏସ୍‌ଆଇ ଇନ୍ଦୁଲତା ମିଶ୍ର, ଏଏସ୍‌ଆଇ ସବିତା କୁମାରୀ ଦେବୀ, ପ୍ରୀତିମୟୀ ସେନାପତି ଯୋଗଦେଇଥିଲେ। ସମାଜସେବୀ ଅବିନାଶ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କଳାପାଞ୍ଚଣ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟା ସସ୍ମିତା ପାତ୍ର, ମନୋଜ ନାୟକ, ପୂର୍ବତନ ସରପଞ୍ଚ ଅରକ୍ଷିତ ଜେନା, ଅଭିମନ୍ୟୁ ପଣ୍ଡା, ଦୀନବନ୍ଧୁ ସାହୁ, ମୋସିନା ଅଲ୍ଲି, ସାମାଜିକ କର୍ମୀ କୈଳାସ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ● ବଟବୃକ୍ଷ ବୟସ୍କ ମହାସଂଘର ପଞ୍ଚମ ବାର୍ଷିକ ଉତ୍ସବ

## ବରିଷ୍ଠ ନାଗରିକଙ୍କ ଦିଗ୍‌ଦର୍ଶନ ସମାଜକୁ ଉନ୍ନତି କରେ



ବଲଙ୍ଗା,୨୮।୨(ସମିସ): ବରିଷ୍ଠ ନାଗରିକମାନେ ଏ ଦେଶ, ଜାତିର କର୍ଣ୍ଣଧାର। ସେମାନଙ୍କ ବଳିଷ୍ଠ ଦିଗ୍‌ଦର୍ଶନ ଆମ ସମାଜକୁ ଅଧିକ ଉନ୍ନତି କରିଥାଏ। ଜୀବନ୍ତ ଠାକୁର ହେଉଛନ୍ତି ବାପା-ମାଆ। ଆଉ ସମସ୍ତେ ହେଉଛନ୍ତି ନିର୍ଜୀବ ଠାକୁର। ତେଣୁ ସେମାନଙ୍କର ସେବା ଓ ପରାମର୍ଶ ମାନିବା ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ବଲଙ୍ଗା ଥାନା ଅନ୍ତର୍ଗତ ଉଛୁପୁର ପଞ୍ଚାୟତ ଚକ୍ରକୁଦ ବାନାମ୍ବର ପଡ଼ିଆଠାରେ ଅନୁଷ୍ଠିତ ବଟବୃକ୍ଷ ବୟସ୍କ ମହାସଂଘର ପଞ୍ଚମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ଅଭିଭାଷଣ ରଖିଥିଲେ। ଏଥିରେ ବଲଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ହେଲ୍ପ ଏଜ୍ ଇଣ୍ଡିଆ ରାଜ୍ୟ ଶାଖାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ୯ଟି ପଞ୍ଚାୟତର ଏକ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ମହାସଙ୍ଘ ସଭାପତି ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ହେଲ୍ପ ଏଜ୍ ଇଣ୍ଡିଆ ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ନୁଆସନ୍ଥ ସରପଞ୍ଚ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଶିଶୁ କବି ସୁରେନ୍ଦ୍ର ନାଥ ପଣ୍ଡା, ସମାଜସେବୀ ଅଶୋକ କୁମାର ଦାଶ ନିଜ ନିଜର ଅଭିଭାଷଣ ରଖିଥିଲେ। ବଟବୃକ୍ଷ ବୟସ୍କ ମହାସଂଘର ସମ୍ପାଦକ ଦେବେନ୍ଦ୍ର ନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ହେଲ୍ପ ଏଜ୍ ଇଣ୍ଡିଆର ଶ୍ରୀକାନ୍ତ ରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



କୋଣାର୍କ,୨୮।୨(ସମିସ): ସମଗ୍ର ଶିକ୍ଷା, ପୁରୀ ଆନୁକୂଲ୍ୟରେ ଗୋପ ବ୍ଲକ୍‌ର ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ତଥା କୋଣାର୍କ ନିକଟ ପାଇକେରାପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୈକ୍ଷିକ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗଦେଇ ଫେବୃଆରୀ ମାସ ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ପର୍ଯ୍ୟବେକ୍ଷଣ ସାଧନୀ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରତିକାରାତ୍ମକ ଶିକ୍ଷଣ ବ୍ୟବସ୍ଥା ଓ ଶିକ୍ଷଣ ସୋପାନ ରେଜିଷ୍ଟର ପ୍ରଭୃତି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗୋପ ଏବିଇଓ ତଥା ବିଆର୍‌ସିସି ଦେବେନ୍ଦ୍ର କୁମାର କାଣ୍ଡି ଓ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ବୈଠକ ପରିଦର୍ଶନ କରିବା ସହିତ ମନିଟରିଂ କରିଥିଲେ। ପାଇକେରାପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାଗ୍ୟଧର ଟାଙ୍ଗୁଲୁ, ବରିଷ୍ଠ ସ୍ନାତକ ଶିକ୍ଷକ ଚିତ୍ତରଞ୍ଜନ ଦାଶ, ସୁଶାନ୍ତ ବେହେରା, ପ୍ରମୋଦ ବେହେରା, ବାନାମ୍ବର ବେହେରା ଓ ଗଙ୍ଗାଧର ରାଉତ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

**ସାକ୍ଷୀଗୋପାଳ**

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁର କ୍ଲଷ୍ଟରର ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅଠାଇଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଶ୍ୱନାଥପୁର କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ସିଆର୍‌ସିସି ଅଜୟ କୁମାର ପ୍ରଧାନ ବୈଠକର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବୈଠକରେ ଉଲ୍ଲାସ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀମାନଙ୍କ ଆଧାର ସଂଶୋଧନ, ୟୁଡାଇଜ୍ ପ୍ରମାଣପତ୍ର, ଯାଦୁ ପେଡ଼ିର ବ୍ୟବହାର ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ନୂତନ ବାର୍ଷିକ ମୂଲ୍ୟାୟନ ପଦ୍ଧତି ସମ୍ବନ୍ଧରେ ସତ୍ୟବାଦୀର ସୁନାମଧନ୍ୟ ସମ୍ବଳ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ବିଶଦ୍ ଆଲୋଚନା କରିବା ସହ ଉପଯୁକ୍ତ ମୂଲ୍ୟାୟନ କୌଶଳ ଉପରେ ଆଲୋକପାତ କରିଥିଲେ। ଅଠାଇଶ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୌଭାଗିନୀ ଭୋଳ ଓ ସହକାରୀ ଶିକ୍ଷୟିତ୍ରୀ ସ୍ୱାଗତିକା ବାରିକ ମାସିକ ବୈଠକକୁ ସମ୍ପାଦନା କରିବାରେ ସାହାଯ୍ୟ କରିଥିଲେ।

## ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ଦୁଇ ଛାତ୍ରୀ ଅସୁସ୍ଥ

କଣାସ,୨୮।୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ୧୪ କେନ୍ଦ୍ରରେ ୨୬୧୭ ଜଣ ଛାତ୍ରଛାତ୍ରୀ ମାଟ୍ରକ୍ ପରୀକ୍ଷା ଦେଉଛନ୍ତି। ଗତ ଶୁକ୍ରବାର ଇତିହାସ ଓ ଭୂଗୋଳ ପରୀକ୍ଷା ଦେବାକୁ ଭିନ୍ନ ଭିନ୍ନ କେନ୍ଦ୍ରକୁ ଆସିଥିବା ଦୁଇ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ବଡାଲଠାରେ ଥିବା କୁଳମଣି ନୋଡାଲ ବିଦ୍ୟାପୀଠକୁ ଆସିଥିବା ଜଣେ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସେହିପରି ବେଣାଗାଁରେ ଥିବା ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ରୀ ପରୀକ୍ଷା ଦେଉଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସିତ ହୋଇ ଘରକୁ ଫେରିଯାଇଥିବା ନୋଡାଲ କେନ୍ଦ୍ରର ଅଧ୍ୟକ୍ଷ ସୁଲେଖା ମହାପାତ୍ର ପ୍ରକାଶ କରିଛନ୍ତି।

## ମା' ଓ ମାଟି ଉତ୍ପାଦକ କେନ୍ଦ୍ର ପରିଦର୍ଶନ କଲେ ସୁଇଜରଲାଣ୍ଡର ରାଷ୍ଟ୍ରଦୂତ

ପିପିଲି,୨୮।୨(ସମିସ): ଦାଣ୍ଡମୁକୁନ୍ଦପୁର ସନିକଟ କୋଠାବାଡ଼ ଗ୍ରାମସ୍ଥିତ ମା' ମାଟି କୃଷକ ଉତ୍ପାଦକ ଗୋଷ୍ଠୀ ନିରନ୍ତର ଭାବରେ ଜୈବିକ କୃଷି ଉପରେ କାର୍ଯ୍ୟ କରିଆସୁଛି। ସାରା ରାଜ୍ୟରୁ ଅନେକ କୃଷକ ବିନା ଖର୍ଚ୍ଚରେ ଏଠାରେ ରହି ତାଲିମ ଗ୍ରହଣ କରି ଆସୁଛନ୍ତି। ଏଇ ନିକଟରେ ସ୍ୱିଜରଲାଣ୍ଡର ରାଷ୍ଟ୍ରଦୂତ ମାୟା ତିଶାଫି ଓ ତାଙ୍କର ମୁଖ୍ୟ ସଂସ୍କୃତି ସଚିବ ସିମନ ସଚଫର ଏହି କେନ୍ଦ୍ରକୁ ପରିଦର୍ଶନରେ ଆସିଥିଲେ। ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କେନ୍ଦ୍ରରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପକୁ ସେମାନେ ବୁଲି ଦେଖିଥିଲେ। ବିନା ରାସାୟନିକ ସାର ଓ କିଟନାଶକ ଦ୍ୱାରା କିପରି ଚାଷ କାର୍ଯ୍ୟ ହୋଇପାରୁଛି ତାହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଆଇ କନ୍‌ସେପ୍ଟ ଇନିସିଏଟିଭ୍ ସଂସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ଏହି ସଂସ୍ଥାନର ମୁଖ୍ୟ ପରିଚାଳକ ସୁବୋଧ ମହାନ୍ତି ସେମାନଙ୍କୁ ବିଷଦ୍ ବିବରଣୀ ଦେଇଥିଲେ। ସେମାନଙ୍କୁ ସୂର୍ଯ୍ୟକାନ୍ତି ଦାସ ଓ ଦୀପକ ମହାନ୍ତି ବିଭିନ୍ନ ପ୍ରକଳ୍ପ ବୁଲାଇ ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କୃଷି ଉଦ୍ୟୋଗୀ ସନ୍ତୋଷ ମିଶ୍ର ସେମାନଙ୍କୁ ଛତୁ ଉଦ୍ୟୋଗ ଉପରେ ବିଷଦ୍ ବିବରଣୀ ଦେଇଥିଲେ। ସମାଜସେବୀ ବିଜୟ ମହାନ୍ତି ଓ ପ୍ରବୀଣ ଉପାଧ୍ୟାୟ ସେମାନଙ୍କୁ ସ୍ୱଦେଶୀ ଉତ୍ପାଦରେ ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଦେଇ ଆପ୍ୟାୟିତ କରିଥିଲେ। ଏହି ଗସ୍ତଙ୍କୁ ସ୍ମରଣୀୟ ରଖିବା ପାଇଁ ମା' ମାଟି ପରିସରରେ ୨ଟି ନାରିକେଳ ବୃକ୍ଷ ସେମାନଙ୍କ ଦ୍ୱାରା ରୋପଣ କରାଯାଇଥିଲା।



## ବିଲୁଆ କାମୁଡ଼ାରେ ୭ ମଣିଷ, ୨ ଗାଈ, ୧ ବାଛୁରୀ ଆହତ

ଅସ୍ତରଙ୍ଗ,୨୮।୨(ସମିସ): ସାରା ରାଜ୍ୟରେ ଦିନକୁ ଦିନ ବିଗୁଡୁଛି ପରିବେଶ ସନ୍ତୁଳନ। ଅସାଧୁ ଲୋକଙ୍କ ଦ୍ୱାରା ଜଙ୍ଗଲ ଜମିରୁ ଗଛ କାଟି ପଦା କରିବା ଫଳରେ ଜଙ୍ଗଲ ଜନ୍ତୁ ନିଜ ବାସସ୍ଥାନ ଛାଡ଼ି ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଆସି ଗୃହପାଳିତ ପଶୁ ଏବଂ ଜନସାଧାରଣଙ୍କୁ ଆକ୍ରମଣ କରୁଛନ୍ତି। ଶନିବାର ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ୍‌ର ମୁଦୁଗଲ, ବିଜିପୁର, ଜେନାପୁର ଗ୍ରାମରେ। ସକାଳୁ ଉକ୍ତ ଗ୍ରାମର ଲୋକମାନେ ବିଭିନ୍ନ କାମରେ ବ୍ୟସ୍ତ ଥିବାବେଳେ ଏକ ବିଲୁଆ ପାଗଳପ୍ରାୟ ହୋଇ ମୁଦୁଗଲ ଗ୍ରାମରେ ଦୁଇ ଜଣ ମଣିଷ, ଗୋଟେ ବାଛୁରୀ, ବିଜିପୁର ଗ୍ରାମରେ ୪ଜଣ ମଣିଷ, ଦୁଇଟି ଗାଈ ଏବଂ ଜେନାପୁର ଗ୍ରାମରେ ଜଣେ ମଣିଷଙ୍କୁ କାମୁଡ଼ିବିଦାରି ପକାଇଥିଲା। ବିଲୁଆ କାମୁଡ଼ା ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଏକାଠି ହୋଇ ଆହତମାନଙ୍କୁ ଚିକିତ୍ସା ପାଇଁ ଅସ୍ତରଙ୍ଗ, ବାଙ୍ଗୁରୀଗାଁ, ଚାରିଛକ ମେଡିକାଲକୁ ପଠାଇବା ସହିତ ବିଲୁଆଟିକୁ ବାଡ଼େଇ ମାରିଦେଇଥିଲେ। ବିଲୁଆ ଆକ୍ରମଣର ଖବର ପାଇ ଅସ୍ତରଙ୍ଗ ବନଖଣ୍ଡ ଅଧିକାରିଣୀ ମୋନାଲିସା ମହାପାତ୍ର ଘଟଣାସ୍ଥଳକୁ ବନ କର୍ମଚାରୀଙ୍କୁ ପଠାଇବା ପରେ ନିଜେ ଘଟଣାସ୍ଥଳକୁ ଯାଇ ମୃତ ବିଲୁଆକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିଲେ। ଆହତ ଲୋକଙ୍କ ପାଖରେ ପହଞ୍ଚି ଘଟଣା ସମ୍ବନ୍ଧରେ ସବିଶେଷ ତଥ୍ୟ ଆଣିବା ସହିତ ତାଙ୍କର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ।

### ବଲଙ୍ଗା ପଞ୍ଚୁଦୋଳ ମେଳଣ ପାଇଁ ଅତିରିକ୍ତ ଏସ୍‌ପିଙ୍କ ସମୀକ୍ଷା

# ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ଦାବି

ବଲଙ୍ଗା,୨୮।୨(ସମିସ)



ଓଡ଼ିଶା ପ୍ରସିଦ୍ଧ ବଲଙ୍ଗା ପଞ୍ଚୁଦୋଳ ମେଳଣ କମିଟି ଚଳିତ ବର୍ଷ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚ୍ଚିନ ପାଇଲଟ୍ ମେଳଣ କମିଟି ସଭାଗୃହରେ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ଏହି ମେଳଣ କେଉଁ ଆବହମାନ କାଳରୁ ହୋଇ ଆସୁଛି। ଚଳିତ ବର୍ଷ ଗୋଟିଏ ଦିନ ବଢ଼ାଯାଇ ଦୁଇ ଦିନ ମେଳଣ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଜମାଣ ଯାତ୍ରା ଉତ୍ସବ ମାର୍ଚ୍ଚ ୮ ତାରିଖ ଭୋରୁ ଜମାଣ ଉତ୍ସବ ହୋଇ ୯ ଓ ୧୦ ତାରିଖ ଦୁଇ ଦିନ ମେଳଣ ହୋଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆତସବାଜି ପ୍ରଦର୍ଶନ ହେବ। ଏଣୁ ଅଞ୍ଚଳର ସମସ୍ତ ଭଗବତପ୍ରେମୀ ଓ ଶ୍ରଦ୍ଧାଳୁଙ୍କୁ ଯୋଗଦେବା ପାଇଁ ଦୋଳ ମେଳଣ କମିଟିର ଉପଦେଷ୍ଟା ସୁବାସ ଚନ୍ଦ୍ର ପତି ନିବେଦନ କରିଛନ୍ତି। ଚଳିତବର୍ଷ ମେଳଣରେ ଡିଜେକୁ ବନ୍ଦ କରାଯାଇଥିବା ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ଏ ବିଷୟରେ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଆନନ୍ଦ ପ୍ରକାଶ କରିଥିଲେ। ସମ୍ପାଦକ ବଳଭଦ୍ର ପ୍ରଧାନ, ସମାଜସେବୀ ପ୍ରଫୁଲ୍ଲ କୁମାର ବେହେରା, ପ୍ରସନ୍ନ ଶତପଥୀ, ସରପଞ୍ଚ ପ୍ରତିନିଧି ସୁକାନ୍ତ କୁମାର ବରାଳ, ସମିତିସଭ୍ୟ ପ୍ରକାଶ କୁମାର ସାହୁ ଓ ପ୍ରତ୍ୟେକ ଗ୍ରାମର ମୁରବି, ସ୍ଥାନୀୟ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳଣରେ ପ୍ରତ୍ୟେକ ବର୍ଷ ଟ୍ରାଫିକ୍ ସମସ୍ୟା ବୃହତ୍ତର ସମସ୍ୟା ପାଲଟୁଥିବାବେଳେ ଚଳିତ ବର୍ଷ ଏହାକୁ ନିୟନ୍ତ୍ରଣ ଦିଗରେ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ପାଇଁ ମେଳଣ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ଶାନ୍ତି କମିଟିରେ ଆଡିସ୍‌ନାଲ ଏସ୍‌ପିଙ୍କ ସମେତ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ବଲଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ପ୍ରମୁଖ ସାମିଲ୍ ହୋଇ ମେଳଣ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିଥିଲେ।

# ଗାଁ ଗାଁରେ କଙ୍ଗାରୁକୋର୍ଟ ନିଷ୍ପତ୍ତି ନେଉଛନ୍ତି ଅର୍ଦ୍ଧଶିକ୍ଷିତ ଗାଁ ମୁଖିଆ

ନୟାଗଡ଼,୨୮ ।୨(ସମିସ)

ନୟାଗଡ଼ ଜିଲ୍ଲାର ଗାଁ ଗାଁରେ କଙ୍ଗାରୁକୋର୍ଟ ବସୁଛି । ଅର୍ଦ୍ଧଶିକ୍ଷିତ ଗାଁ ମୁଖିଆମାନେ ଆଇନକୁ ହାତକୁ ନେଇ ନିଷ୍ପତ୍ତି ଶୁଣାଉଛନ୍ତି । ଆଇନ ଆଖିରେ ଆଙ୍ଗୁଠି ଗେଞ୍ଜି ମାମଲତି କରୁଛନ୍ତି । ଯାହାର ପ୍ରତିଫଳନରେ କେଉଁଠି ମୁଣ୍ଡ ଗଡୁଛି, ତ ପୁଣି କେଉଁଠି ବିଚରା ପରିବାର ଗାଁରୁ ବାସନ୍ଦ ହେଉଛି । ଜିଲ୍ଲାରେ ଦୀର୍ଘବର୍ଷ ଧରି ଚାଲି ଆସିଥିବା ଏହି କୁତ୍ସିତ ପରମ୍ପରା ଉପରେ ରୋକ୍ ଲାଗିପାରୁନି । ଅନେକ ସ୍ଥାନରେ ପୁଲିସର ଭିତିରିଆ ସମର୍ଥନ ଗାଁ ମୁଖିଆଙ୍କ ମୁହଁ ବଢ଼ାଉଛି । ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ପୁଆଁଣିଆ ଗାଁରେ ଗୃହରକ୍ଷୀ ସୁଶାନ୍ତ କୁମାର ସାହୁଙ୍କ ସହ ଘଟିଥିବା ଘଟଣା ସମସ୍ତଙ୍କୁ ଆଚମ୍ବିତ କରିଛି । ଗୃହରକ୍ଷୀଙ୍କ ଅଭିଯୋଗ ଆଧାରରେ ପୁଲିସ ୪

## କେଉଁଠି ଗଡୁଛି ମୁଣ୍ଡ, କେଉଁଠି ଗାଁରୁ ବାସନ୍ଦ

ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି । କିନ୍ତୁ ଏହି ମାମଲା ପଛରେ ରହି ଯାଇଛନ୍ତି ଗାଁ ମୁଖିଆମାନେ, ଯେଉଁମାନଙ୍କ ସାହସରେ ଗୃହରକ୍ଷୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଥିଲା । ଶନିବାର ଗୃହରକ୍ଷୀ ସୁଶାନ୍ତ ଗଣମାଧ୍ୟମକୁ ଦେଇଥିବା ବିବୃତି ଅନୁସାରେ, ପୁଆଁଣିଆ ଗାଁ ସଭାପତି ଅଭି ପ୍ରଧାନ ଓ ସମ୍ପାଦକ ମୁନା ରାଉତ ଘଟଣା ପାଇଁ ନିଶ୍ଚିତ ଦାୟୀ ବୋଲି ଅନୁମାନ କରାଯାଉଛି । ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତି ଓ ଇସାରରେ ଘଟଣା ଘଟିଥିବା ଗୃହରକ୍ଷୀ ସୁଶାନ୍ତ କହିଥିବା ବେଳେ ପୁଲିସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ନ ଥିବା ଜଣାପଡ଼ିଛି । ନୟାଗଡ଼ ଜିଲ୍ଲାରେ ସୁଶାନ୍ତଙ୍କ ଭଳି ଅନେକ ଲୋକ ଅନେକ ଗାଁରୁ ବାସନ୍ଦ ହୋଇ ନିର୍ଯାତିତ ଜୀବନ ଜିଉଁଛନ୍ତି । ନୟାଗଡ଼ ଏକ ଗାଁବହୁଳ ଜିଲ୍ଲା ହୋଇଥିବା ବେଳେ ଗାଁଗୁଡ଼ିକ ପରିଚାଳନା ପାଇଁ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କମିଟି ନିଜକୁ ସର୍ବେସର୍ବା ଭାବି କଙ୍ଗାରୁ କୋର୍ଟ କରିବା ନିନ୍ଦନୀୟ ଘଟଣା । ଜିଲ୍ଲା ପୁଲିସ ଏଭଳି କଙ୍ଗାରୁକୋର୍ଟଗୁଡ଼ିକ ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

### ■ ଗୃହରକ୍ଷୀଙ୍କୁ ମାଡ଼ ଘଟଣା
## ଶରଣକୁଳ ପୁଲିସର ତଦନ୍ତ ଜାରି

ନୟାଗଡ଼: ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ପୁଆଁଣିଆ ଗାଁରେ ଗୃହରକ୍ଷୀ ସୁଶାନ୍ତଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଶନିବାର ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଗଣମାଧ୍ୟମକୁ କହିଛନ୍ତି । ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି । ଗାଁର ଯୁବକଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ ଓ ଗାଁ କମିଟି ନିର୍ଦ୍ଦେଶରେ ଖୁଣ୍ଟରେ ବାନ୍ଧି ମାଡ଼ ମରାଯିବା ଘଟଣା ଜିଲ୍ଲାବାସୀଙ୍କୁ ଆଚମ୍ବିତ କରିଛି ।

ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୁଲିସ ତତ୍ପରତା ପ୍ରକାଶ କରିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅନ୍ୟପକ୍ଷେ, ସୁଶାନ୍ତ ଓ ତାଙ୍କ ପରିବାର ଗାଁ ଛାଡ଼ି ଏବେ ନୟାଗଡ଼ରେ ରହୁଥିବା ବେଳେ ଗାଁରେ ଥିବା ତାଙ୍କ ସମ୍ପତ୍ତିର କ୍ଷୟକ୍ଷତି ହେବା ସମ୍ଭାବନା ସୃଷ୍ଟି ହୋଇଛି ।

### ● ପାରାଦୀପ ଜଗନ୍ନାଥ ମନ୍ଦିର
## ଦାରୁ ଛେଦନ ନିମନ୍ତେ ପୂଜାର୍ଚ୍ଚନା



ଗଣିଆ,୨୮ ।୨(ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପଠାରେ ଥିବା ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ନୂତନ ବିଗ୍ରହ ନିର୍ମାଣ କରାଯିବ । ଶ୍ରୀ ବିଗ୍ରହ ନିର୍ମାଣ ପାଇଁ ଗଣିଆ ପଞ୍ଚାୟତ ବ୍ରାହ୍ମଣ ସାହିର ସରୋଜ କୁମାର ଦାଶଙ୍କ ବାଡ଼ିରେ ଥିବା ନିମ୍ବ ଗଛକୁ ଚିହ୍ନଟ କରାଯାଇଥିଲା । ଶନିବାର ଅପରାହ୍ଣରେ ବୃକ୍ଷ ଛେଦନ ପାଇଁ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଖୋଳ କୀର୍ତ୍ତନ କରି ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପାରାଦୀପ ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ହିମାଂଶୁ ଶେଖର ରାଉତ, ତାଙ୍କ ଧର୍ମପତ୍ନୀ ମମତା ରାଉତ ଉପସ୍ଥିତ ଥିବା ବେଳେ ମନ୍ଦିର ସମ୍ପାଦକ ମହାରଣା ବାବୁ, ପରିବେଶବିତ୍ ମନୋଜ ମହାପାତ୍ର, ଗଣିଆ ରେଞ୍ଜର ସବନମ ସାହୁ, ଫରେଷ୍ଟର ମନୋଜ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଦାରୁ ଛେଦନ ପାଇଁ ପୂଜାର୍ଚ୍ଚନା କାର୍ଯ୍ୟ ଶେଷ ହୋଇଥିବା ବେଳେ ରବିବାର ଗଛକଟା କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ମନ୍ଦିର ପରିଚାଳନା କମିଟି ତରଫରୁ ଦାତା ସରୋଜ କୁମାର ଦାଶଙ୍କୁ ଉପଢୌକନ ପ୍ରଦାନ କରାଯାଇଛି ।

### ■ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ
## ମହିଳା ପ୍ରଦର୍ଶନୀ ମ୍ୟାଚ ଅମୀମାଂସିତ



ଖଣ୍ଡପଡ଼ା,୨୮ ।୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅତିରିକ୍ତ ଦିବସରେ ଶନିବାର କେନ୍ଦ୍ରାପଡ଼ା ଏବଂ ଭୁବନେଶ୍ୱର ମହିଳା ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଛି । ତେବେ ଏହି ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା । ରେଫରି ସମୀର ଖୁଣ୍ଟିଆ ଖେଳ ପରିଚାଳନା କରିଥିଲା ବେଳେ ସୁବାସ ବେହେରା ଏବଂ ବାପି ମହାନ୍ତି ଲାଇନରେ ସହାୟତା କରିଥିଲେ । ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଖଣ୍ଡପଡ଼ା ବିଧାୟକ ତଥା ରଜାସାହେବ ସିଦ୍ଧାର୍ଥ ଶେଖର ସିଂହ, ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ପଠାଣି ସାମନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସ୍ୱଚ୍ଛ ସଲୀଳା ମହାପାତ୍ର, ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ମିତା ଶେଫାଳି ମହାପାତ୍ର, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଏସଡିପିଓ ମଦନ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରବିବାର ଢେଙ୍କାନାଳ ପପୁଲାର କ୍ଲବ ଏବଂ କଟକ ବିଡ଼ାନାସୀ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ଭିକାରୀ ଖଣ୍ଡାୟତ ସୂଚନା ଦେଇଛନ୍ତି ।

### ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ
## ନ୍ୟାୟ ପାଇଁ ପଦଯାତ୍ରା କରିବ କଂଗ୍ରେସ

ଗଣିଆ,୨୮ ।୨(ସମିସ): ବେଲପଡ଼ାପାଟଣା ଗ୍ରାମରେ ବିଦ୍ୟାଳୟକୁ ଯାଇ ଛାତ୍ର ନିଖୋଜ ହେବା ଏବଂ ପରେ ଏକ ଖୋଲା କୂଅରୁ ମୃତଦେହ ମିଳିବା ଘଟଣାକୁ ବିତିଗଲାଣି ୨୫ ଦିନ । ପିଲାଟିକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ପରିବାର ଲୋକେ ନ୍ୟାୟ ପାଇଁ ଅଡ଼ି ବସିବା ସହ ରାସ୍ତାରୋକଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ କରି ସାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇନାହିଁ । ବ୍ୟବଚ୍ଛେଦ ରିପୋର୍ଟରେ ଛାତ୍ର ପାଣିରେ ବୁଡ଼ି ମରିଥିବା ଉଲ୍ଲେଖ ଥିବାବେଳେ ତାକୁ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି ପରିବାର ଲୋକେ । ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ଶନିବାର ଅପରାହ୍ଣରେ ପ୍ରଦେଶ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଗଣିଆରେ ପହଞ୍ଚି ମୃତ ଛାତ୍ରଙ୍କ ପରିବାରକୁ ଭେଟିଛନ୍ତି । ପରିବାରର ସଦସ୍ୟଙ୍କ ସହ ଦୀର୍ଘ ସମୟ ସେମାନେ ଆଲୋଚନା କରିଥିଲେ । ପରିବାରଠାରୁ ସମସ୍ତ ଘଟଣା ଶୁଣିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସେମାନେ ଦାବି କରିଛନ୍ତି । ଯେପର୍ଯ୍ୟନ୍ତ ପରିବାରକୁ ନ୍ୟାୟ ମିଳିନି ସେ ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ



ଜାରି ରଖିବ ବୋଲି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ପ୍ରଦେଶ କଂଗ୍ରେସର ରାଜ୍ୟ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ମୃତ ଛାତ୍ରଙ୍କ ଘରଠାରୁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ହେବା ସହ ବିଧାନସଭା ଅଧିବେଶନରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ, ପରିବାରର ଜଣକୁ ଚାକିରି ଦେବା ସହ ନିରପେକ୍ଷ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରିବାକୁ ଦାବି କରିଛନ୍ତି । କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ସେଲ ସଭାପତି ମାନସ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ବିକାଶ ଦାଶ, ନୟାଗଡ଼ ଜିଲ୍ଲା ସଭାପତି ଆଇନଜୀବୀ ରଣଜିତ୍ ଦାଶ, ଉପ ସଭାପତି ସୁକାନ୍ତ କୁମାର ପାଣିଗ୍ରାହୀ, ଗଣିଆ ବ୍ଲକ ସଭାପତି ହଲିମ୍ ଖାଁ, ଦଶପଲ୍ଲା ବ୍ଲକ ସଭାପତି ବୁଲୁ ପରିଡ଼ା, ନୂଆଗାଁ ବ୍ଲକ ସଭାପତି ଅଶୋକ କୁମାର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଲଡୁକିଶୋର ଷଡ଼ଙ୍ଗୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତିଙ୍କ ସମେତ ଗଣିଆ ବ୍ଲକର ବହୁ କର୍ମୀ ସାମିଲ ଥିଲେ ।

## ଶ୍ରୀରାମ ମନ୍ଦିରରେ ନୟାଗଡ଼ ଜିଲ୍ଲାପାଳ



ଭାପୁର,୨୮ ।୨(ସମିସ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଶନିବାର ଅପରାହ୍ଣରେ ପରିବାର ସହ ଫତେଗଡ଼ ଶ୍ରୀରାମ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବା ସହ ସନ୍ଧ୍ୟା ସମୟରେ ପ୍ରାକୃତିକ ଶୋଭା ଦେଖି ବିମୋହିତ ହୋଇଛନ୍ତି । ଜିଲ୍ଲାପାଳ ଏଠାରେ ଦୀର୍ଘ ୪୫ ମିନିଟ ବିତାଇବା ସହ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ତରଫରୁ ପୂଜକ ସରୋଜ କୁମାର ମହାପାତ୍ର, ଜିତେଶ କୁମାର ଖୁଣ୍ଟିଆ ଓ ସନ୍ତୋଷ କୁମାର ସାହୁ ଜିଲ୍ଲାପାଳଙ୍କୁ ଠାକୁର ଦର୍ଶନ କରାଇବାରେ ସହଯୋଗ କରିଥିଲେ ।

## ମଦନ ମୋହନ ମନ୍ଦିରର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୮ ।୨(ସମିସ): ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ମଦନମୋହନ ମନ୍ଦିରର ୫ମ ବାର୍ଷିକ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି । ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ସ୍ଥାନୀୟ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ, ପ୍ରଫେସର ସର୍ବନାରାୟଣ ମିଶ୍ର, ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ପ୍ରମୁଖ ଯୋଗଦେଇଥିଲେ । ବିରଞ୍ଚି ନାରାୟଣ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟତମ ଅତିଥି ରୂପେ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ । ଏ ଅବସରରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା । ବ୍ରାହ୍ମଣ ସମାଜ ଦ୍ୱାରା ମନ୍ଦିର ପରିସରରେ ହୋମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ ଆଦି ଅନୁଷ୍ଠିତ ହୋଇଛି । ରାତିରେ ଅଞ୍ଚଳର କଳାକାରମାନଙ୍କୁ ନେଇ ପୌରାଣିକ ନାଟକ ମଞ୍ଚସ୍ଥ ହୋଇଛି । ଆସନ୍ତା ୪ ତାରିଖ ସନ୍ଧ୍ୟାରେ ମନ୍ଦିରର ବାର୍ଷିକ ଉତ୍ସବ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ।

## ମିନି ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

ଓଡ଼ଗାଁ,୨୮ ।୨(ସମିସ): ଓଡ଼ଗାଁ ମିନି ଷ୍ଟାଡିୟମରେ ଆୟୋଜିତ ଶନିବାର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଅନୁଷ୍ଠିତ ହୋଇଛି । ପ୍ରଥମ ସେମିଫାଇନାଲରେ ସେବାୟତ ଏକାଦଶ ଓ ପୁଲିସ ଏକାଦଶ ମୁହାଁମୁହିଁ ହୋଇଥିବା ବେଳେ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଓଡ଼ଗାଁ ଆରଏସଏମ୍ ଓ ବ୍ଲକ ବ୍ଲାଷ୍ଟର ମଧ୍ୟରେ ଖେଳାଯାଇଥିଲା । ସେମିଫାଇନାଲରେ ସେବାୟତ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୧୮୬ ରନ୍ କରିଥିଲା । ଦଳର



ଉମାକାନ୍ତ ମହାପାତ୍ର ୨୮ ବଲରେ ବିସ୍ଫୋରକ ୫୨ ରନ୍ କରିଥିଲେ । ଜବାବରେ ପୁଲିସ ଏକାଦଶ ୮ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ପୁଲିସ ଦଳର ସୁଶୀଲ ୨୮ ବଲରେ ୪୪ ରନ୍ କରିଥିଲେ । ସେବାୟତ ଦଳର ଗୁଲୁ ୨୭ ବଲରେ ୩ ଉଇକେଟ ହାସଲ କରିଥିଲେ । ଏହି ବିଜୟ ସହିତ ସେବାୟତ ଏକାଦଶ ଫାଇନାଲକୁ ଉନ୍ନୀତ ହୋଇଛି । ଅନ୍ୟପଟେ କ୍ୱାର୍ଟର ଫାଇନାଲରେ ଆରଏସଏମ୍, ଓଡ଼ଗାଁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୦୦ ରନ୍ କରିଥିଲେ । ଜବାବରେ ବ୍ଲକ ବ୍ଲାଷ୍ଟର ୮ ଉଇକେଟ ହରାଇ ସମାନ ୧୦୦ ରନ୍ କରିବାରୁ ମ୍ୟାଚ୍ ଟାଏ ହୋଇଥିଲା । ପରେ ସୁପର ଓଭରରେ ଆରଏସଏମ୍ ୧୦ ରନ୍ କରିଥିବା ବେଳେ ବ୍ଲକ ବ୍ଲାଷ୍ଟର ୧୧ ରନ୍ କରି ରୋମାଞ୍ଚକର ବିଜୟ ହାସଲ କରି ସେମିଫାଇନାଲକୁ ପ୍ରବେଶ କରିଛି । ଆସନ୍ତା ମାର୍ଚ୍ଚ ୮ ତାରିଖ ରବିବାର ସକାଳେ ବ୍ଲକ ବ୍ଲାଷ୍ଟର, ଓଡ଼ଗାଁ ଓ ଓଡ଼ଗାଁ ଗୋଲ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚର ବିଜେତା ଦଳ ସହ ପୂର୍ବରୁ ଫାଇନାଲକୁ ଉନ୍ନୀତ ସେବାୟତ ଏକାଦଶ ମଧ୍ୟରେ ସେହିଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱ, ପ୍ରୀତମ, ଜିତୁ, ରାମ, କାବୁ ଓ ପ୍ରବୀର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁମନ୍ଦିରର ୧୬ତମ ବାର୍ଷିକ ଉତ୍ସବ

ଭାପୁର,୨୮ ।୨(ସମିସ): ଉନ୍ନତ ଶିକ୍ଷା ପଦ୍ଧତି ମାଧ୍ୟମରେ ଆମର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିଥାଏ ସରସ୍ୱତୀ ଶିଶୁ ମନ୍ଦିର । ଭାପୁର ବ୍ଲକ ଗୋଳାପୋଖରୀ ସରସ୍ୱତୀ ଶିଶୁମନ୍ଦିର ୧୬ ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟଅତିଥି ସମ୍ବକୁଳ ପ୍ରମୁଖ ସାନନ୍ଦ କୁମାର ସାହୁ ଏହା କହିଥିଲେ । ଅନୁଷ୍ଠାନ ସଭାପତି ଶରତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଓ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତ ରାୟଙ୍କ ସମ୍ବଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସାନନ୍ଦ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ସିଆରସିସି ପଞ୍ଚାନନ ମହାପାତ୍ର, ସମ୍ପାଦକ ବିଭୂତି ଭୂଷଣ ସାହୁ ଯୋଗଦେଇଥିଲେ । ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ରାଉତରାୟ ବିବରଣୀ ପାଠ କରିଥିଲେ । କୁନି କୁନି ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଭିନ୍ନ କ୍ରୀଡ଼ା ଯଥା ଥାଳିଆ ଫିଙ୍ଗା ପ୍ରତିଯୋଗିତାରେ ନିଶିକାନ୍ତ ପ୍ରଧାନ, ଆଳୁ ଦୌଡ଼ରେ ଶୁଭମ ବାରିକ, ୧୦୦ ମିଟର ଦୌଡ଼ରେ ଦିଗବିଜୟ ବଳିୟାର ସିଂହ, ଗୋଳା ଫିଙ୍ଗା ପ୍ରତିଯୋଗିତାରେ ଜ୍ୟୋତି ରଞ୍ଜନ ପ୍ରଧାନ, ଅଖା ଡିଆଁ ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ସେଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏମାନଙ୍କ ସହ ଅନେକ ବାଳକ ବାଳିକା ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମାତାପିତା ଓ ଅଭିଭାବକ ଯୋଗ ଦେଇଥିଲେ ।



## କିଆଝର ସେବା ସମବାୟ ସମିତିରେ ଅଚଳାବସ୍ଥା

ଖଣ୍ଡପଡ଼ା,୨୮ ।୨(ସମିସ): କିଆଝର ସେବା ସମବାୟ ସମିତି ବୋର୍ଡ ସଦସ୍ୟ ଓ ସଭାପତି ମୁହାଁମୁହିଁ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ଉପନିବନ୍ଧକଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି । ଫଳରେ କିଆଝର ସେବା ସମବାୟ ସମିତିକୁ ପୁଣିଥରେ ବିବାଦ ଘେରିଥିବା ବେଳେ ମଣ୍ଡି ପରିଚାଳନା ପ୍ରଭାବିତ ହେଉଥିବା ଜଣାପଡ଼ିଛି । କିଆଝର ସେବା ସମବାୟ ସମିତିର ବୋର୍ଡ ସଦସ୍ୟମାନେ ସଭାପତି ଦେବରାଜ ସାହୁଙ୍କ ବିରୋଧରେ ଉପନିବନ୍ଧକଙ୍କ ନିକଟରେ ଫେରାଦ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ସେବା ସମବାୟ

### ଘଣ୍ଟ ଘୋଡ଼ାଉଛି ସମବାୟ ବିଭାଗ

ସମିତି ସଭାପତି ଦେବରାଜ ସାହୁ ପରିଚାଳନା ପରିଷଦରେ ନିଆଯାଇଥିବା ନିଷ୍ପତ୍ତି ମାନୁ ନ ଥିବା ବେଳେ ଧାନ ମଣ୍ଡି ଟଙ୍କା ଉଠାଣ ସହ ଉନ୍ନତିମୂଳକ କାମ ହୋଇପାରୁ ନ ଥିବା ଲିଖିତ ଭାବେ ଜଣାଇଛନ୍ତି । ଏଥିସହିତ ପରିଚାଳନା ପରିଷଦ ବୈଠକ ତଥା ଟଙ୍କା ଉଠାଣ ନିମନ୍ତେ ସଦସ୍ୟ ମାନେ କହିବାରୁ ଶ୍ରୀ ସାହୁ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି । ଶ୍ରୀ ସାହୁଙ୍କ ମନମୁଖୀ କାରବାର ଯୋଗୁଁ ଚାଷୀ ଓ ସଦସ୍ୟ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଧାନ ମଣ୍ଡି ବନ୍ଦ କରି ଧାରଣା ଦେବାକୁ ସଜବାଜ ହେଉଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଏହାର ପ୍ରତିବାଦରେ ପରିଚାଳନା ପରିଷଦର ୧୧ ଜଣ ସଦସ୍ୟ ଇସ୍ତଫା ଦେବା ସହିତ ଜିଲ୍ଲା ସମବାୟ ବିଭାଗ ଉପନିବନ୍ଧକ ଅନନ୍ତ କୁମାର ନାୟକଙ୍କୁ ବୋର୍ଡ ନିଷ୍କ୍ରିୟ କରିବାକୁ ଲିଖିତ ଦାବି ଜଣାଇଛନ୍ତି । ଏ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଚାଷୀ ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ନୟାଗଡ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ସଦସ୍ୟ ଓ ଚାଷୀ ଦାବି କରିଛନ୍ତି ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ରଣପୁର,୨୮ ।୨(ସମିସ): ରଣପୁର ବ୍ଲକ କାସନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଭିକାରୀ ଚରଣ ପାତାଳସିଂହ(୭୪)ଙ୍କର ଶନିବାର ନିଜ ବାସଭବନରେ ପରଲୋକ ହୋଇଛି । କିଛିଦିନ ହେବ ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ । କଂଗେସ ନେତା ବିଭୁ ମିଶ୍ର ଓ ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ ।

## ସର୍କଲସ୍ତରୀୟ ଗଣିତ, ବିଜ୍ଞାନ ମେଳା



ଗଣିଆ,୨୮ ।୨(ସମିସ): ଜାତୀୟ ବିଜ୍ଞାନ ଦିବସ ଅବସରରେ ସ୍ଥାନୀୟ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ସର୍କଲସ୍ତରୀୟ ଗଣିତ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଆରସିସି ବିନୋଦିନୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ନୀହାରବାଳା ରାଉତ, ବିଜ୍ଞାନ ଶିକ୍ଷକ ରାଜକିଶୋର ସାହୁ, ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ, ଉପସଭାପତି ସସ୍ମିତା ଗଡ଼ନାୟକ, ଆଡ଼କଟା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ଜାତି ପାଇଁ ବୈଜ୍ଞାନିକମାନଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀମାନେ ୧୫ରୁ ଅଧିକ ଗଣିତ ଏବଂ ବିଜ୍ଞାନ ଷ୍ଟଲ ପ୍ରଦର୍ଶନ କରିଥିଲେ । ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ୩ ପ୍ରକଳ୍ପ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା ।

### ଦିନ ଗଡୁଛି ଦୁଃଖ ବଢୁଛି, ଦୁର୍ଦ୍ଦଶା ଭୋଗୁଛନ୍ତି ୮ ପଞ୍ଚାୟତବାସୀ
# ନିଲାମ ହେଉଛି ପୂର୍ତ୍ତ ବିଭାଗ ଇଜ୍ଜତ

ନୟାଗଡ଼,୨୮ ।୨(ସମିସ)

ବାଲୁଗାଁ-ମହିପୁର ରାସ୍ତାରେ ନିଲାମ ହେଉଛି ପୂର୍ତ୍ତ ବିଭାଗ ଇଜ୍ଜତ । ୨୦୨୩ ଜାନୁଆରୀରୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ୫୦ ପ୍ରତିଶତ ନିର୍ମାଣ ଶେଷ ହୋଇନାହିଁ । ନିର୍ମାଣ ସରିଥିବା କଂକ୍ରିଟ ରାସ୍ତାରୁ ଗୋଡ଼ି ଉଠିଲାଣି । ୧୪ କିଲୋମିଟର ରାସ୍ତା ନିର୍ମାଣ କରିବାକୁ କେତେବର୍ଷ ଲାଗିବ ବୋଲି ପ୍ରଶ୍ନ ଉଠିଲାଣି । ଠିକାଦାର ଓ ପେଟି ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ୮ ପଞ୍ଚାୟତବାସୀ ।

ନୟାଗଡ଼ ବ୍ଲକ ବାଲୁଗାଁ ଏବଂ ନୂଆଗାଁ ବ୍ଲକ ମହିପୁରକୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତୀକରଣ ତଥା ଉନ୍ନତୀକରଣ ପାଇଁ ୨୦୨୩ ଜାନୁଆରୀ ୨୫ ତାରିଖ ଶିଳାନ୍ୟାସ ହୋଇଥିଲା । ନୟାଗଡ଼ ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଥିବା ଏହି ରାସ୍ତାର ଶିଳାନ୍ୟାସ କାର୍ଯ୍ୟାକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସାମିଲ ହୋଇଥିଲେ । କ୍ରିଦାଶପୁର ପଞ୍ଚାୟତ ଯଉତୁକପାଟଣା ଆମ୍ବତୋଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ରାସ୍ତା ନିର୍ମାଣ ଯଥାଶୀଘ୍ର ଶେଷ ହେବ ବୋଲି ଉଭୟ ବିଧାୟକ ଘୋଷଣା କରିଥିଲେ । ମାତ୍ର ପୂର୍ତ୍ତ ବିଭାଗର ଅବହେଳା ଏବଂ ଠିକାସଂସ୍ଥାର



ମନମାନି ପାଇଁ ରାସ୍ତା ନିର୍ମାଣ ଅଧାଅଧୁରା ଅବସ୍ଥାରେ ରହିଛି । ଉକ୍ତ ରାସ୍ତା ଉପରେ ବାଲୁଗାଁ, କ୍ରିଦାଶପୁର, ମାଳିସାହି, ଢେଙ୍କେଣା, ଚାହାଳୀ, ବଡ଼ଗୋଠ, ଦୁରଦୁରା, ମହିପୁର ପଞ୍ଚାୟତବାସୀ ନିର୍ଭର କରୁଛନ୍ତି । ୮ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗ୍ରାମ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ଅଧପନ୍ତରିଆ ରାସ୍ତା ନିର୍ମାଣ ଦ୍ୱାରା ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଅଧା ନିର୍ମାଣ ଦ୍ୱାରା ବଡ଼ ଗାଡ଼ିଗୁଡ଼ିକ ଯାତାୟାତରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଦେଢ଼ବର୍ଷ ତଳୁ ନିର୍ମାଣ ସରିଥିବା କଂକ୍ରିଟ ରାସ୍ତାରୁ ଗୋଡ଼ି ଉଠିଗଲାଣି । ୧୯ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ୧୩ କୋଲୋମିଟର ୭୪୦ ମିଟର ରାସ୍ତା ନିର୍ମାଣ ପାଇଁ ରଘୁନାଥ କନଷ୍ଟ୍ରକ୍ସନ୍ ନାମକ ଠିକାସଂସ୍ଥା କାମ ହାତେଇଥିଲା । ଉକ୍ତ ଠିକାସଂସ୍ଥା ୧୬ କୋଟି ୮୦ ଲକ୍ଷ ବ୍ୟୟରେ ରାସ୍ତା ନିର୍ମାଣ କରିବାକୁ ବିଭାଗ ସହ ଚୁକ୍ତି କରିଥିବା ବେଳେ ନିର୍ମାଣ କାମ ପେଟି ଠିକାଦାରଙ୍କ ହାତକୁ ଟେକି ଦେଇଥିଲା । ଯାହା ଦ୍ୱାରା ରାସ୍ତା ନିର୍ମାଣରେ ବ୍ୟାପକ ମନ୍ଥରତା ସୃଷ୍ଟି ହୋଇଛି । ୨୦୨୪ ଅଗଷ୍ଟ ୩୧ ତାରିଖ ନିର୍ମାଣ ଶେଷ କରିବାର ଧାର୍ଯ୍ୟ ସମୟ ରହିଥିଲା । ଠିକାସଂସ୍ଥା ମାଲିକଙ୍କ ପରଲୋକ ଘଟିବା କାରଣରୁ ମାଲିକାନା ପରିବର୍ତ୍ତନ ପାଇଁ ପ୍ରଥମେ ବିଳମ୍ବ ହୋଇଥିଲା । ମାଲିକାନା ପରିବର୍ତ୍ତନ ପରେ ମଧ୍ୟ କାମରେ ଅଗ୍ରଗତି ହୋଇପାରୁ ନ ଥିବା ଦେଖାଯାଇଛି । ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ନିର୍ମାଣ ସରିବା ବେଳକୁ ଅଧା ରାସ୍ତା ନଷ୍ଟ ହୋଇସାରିଥିବ ବୋଲି ଅନୁମାନ କରାଯାଉଛି । ଏହି ରାସ୍ତା ନିର୍ମଣ ୫୦ ପ୍ରତିଶତ ବାକି ଥିବାବେଳେ ଠିକାସଂସ୍ଥାକୁ ୧୨ କୋଟିରୁ ଊର୍ଦ୍ଧ୍ୱ ବିଲ୍ ପୈଠ ସରିଥିବା ସୂଚନା ମିଳିଛି । ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ଏବଂ ନୟାଗଡ଼ ପୂର୍ତ୍ତ ବିଭାଗ ଅବହେଳା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଥିବା ବେଳେ ରାସ୍ତା ନିର୍ମାଣ ତ୍ୱରାନ୍ୱିତ ନ ହେଲେ ରାସ୍ତାରୋକ କରାଯିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

■ ଅଧପନ୍ତରିଆ ବାଲୁଗାଁ-ମହିପୁର ରାସ୍ତା
■ ୩ ବର୍ଷ ପରେ ବି ସରିନି ୫୦ ପ୍ରତିଶତ କାମ
■ ଆନ୍ଦୋଳନ ପାଇଁ ସଜବାଜ ଅଞ୍ଚଳବାସୀ

